भारतीय प्रौद्योगिकी संस्थान भुवनेश्वर

**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱରରେ ଅତ୍ୟାଧୁନିକ ସନ୍ତରଣାଗାର ଉଦଘାଟିତ

**ଭୁବନେଶ୍ୱର, ୨୩ ନଭେମ୍ବର ୨୦୨୫:** କ୍ୟାମ୍ପସର ସନ୍ତରଣକାରୀମାନଙ୍କୁ ଉତ୍ସାହିତ କରିବା ଏବଂ ଅଭ୍ୟାସ କରିବାର ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ୨୨ ଫେବୃଆରୀ ୨୦୨୫ ରେ ଏହାର କ୍ୟାମ୍ପସରେ ବହୁ ପ୍ରତୀକ୍ଷିତ, ଅତ୍ୟାଧୁନିକ ସନ୍ତରଣାଗାରର ଲୋକାର୍ପଣ କରିଛି। ଏହି ସନ୍ତରଣାଗାରକୁ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର, ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ; ଭିତ୍ତିଭୂମିର ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ପଣ୍ଡା ଏବଂ ଛାତ୍ର ଜିମ୍ଖାନାର ସଭାପତି ଡକ୍ଟର କୋଦଣ୍ଡରାମ ମାଙ୍ଗିପୁଡିଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ।

ଉଦଘାଟନ ଉପଲକ୍ଷେ ଏକ ଗ୍ରାଣ୍ଡ ସ୍ପ୍ଲାସ୍ ଆୟୋଜନ କରାଯାଇଥିଲା, ଯେଉଁଥିରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ କ୍ୟାମ୍ପସର ବାସିନ୍ଦାମାନେ 'ଡାଇଭ୍-ଜମ୍ପ-ସ୍ପ୍ଲାସ୍' ମୁହୂର୍ତ୍ତର ଉପଭୋଗ କରିଥିଲେ। ନିର୍ଦ୍ଦେଶକ ପ୍ରଫେସର କରମଲକର ମଧ୍ୟ ସେମାନଙ୍କ ସହିତ ଯୋଗ ଦେଇଥିଲେ ଏବଂ ସେମାନଙ୍କୁ ଉତ୍ସାହିତ କରିଥିଲେ।

ଏହା ଉଲ୍ଲେଖନୀୟ ଯେ ଆଇଆଇଟି ଭୁବନେଶ୍ୱରର ସୁଇମିଂ ପୁଲଟି ଆନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ନିର୍ମିତ, ଏହାର ସର୍ବନିମ୍ନ ଗଭୀରତା ୧.୮ ମିଟର ଏବଂ ସର୍ବାଧିକ ଗଭୀରତା ୫ ମିଟର। ପୁଲର ଲମ୍ବ ୫୦ ମିଟର ଏବଂ ପ୍ରସ୍ଥ ୨୫ ମିଟର। ପ୍ରତିଷ୍ଠାନର ସନ୍ତରଣକାରୀମାନଙ୍କ ପାଇଁ ନିରାପଦ ତାଲିମ ଏବଂ ଅଭ୍ୟାସ ସୁନିଶ୍ଚିତ କରିବା ପାଇଁ ଲାଇଫଗାର୍ଡଙ୍କ ସହିତ ବୃତ୍ତିଗତ ସନ୍ତରଣ ପ୍ରଶିକ୍ଷକ ନିୟୋଜିତ ହୋଇଛନ୍ତି।

------------------------